# NATIONAL NEWS BULLETIN (ODIA)

## 4 May - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସଂସ୍କୃତ ଭାଷାରେ ଭାରତୀୟ ଜ୍ଞାନତତ୍ତ୍ୱ ଥିବାରୁ ଲୋକମାନେ ସଂସ୍କୃତ ଭାଷା ଶିଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ
- ୱାଶିଂଟନଠାରେ ଭାରତ ନେତୃତ୍ୱରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଶ୍ୱ ବ୍ୟାଙ୍କ ଭୂସମ୍ମିଳନୀ-୨୦୨୫
- ମୁମ୍ବାଇଠାରେ ଚାରିଦିନ ଧରି ଚାଲିଥିବା ୱେଭ୍‌ସ ସମ୍ମିଳନୀ ଆଜି ଉଦ୍‌ଯାପିତ

– ପୁଞ୍ଜିନିବେଶ ବ୍ୟବସାୟ, କଳା ଓ ସଂସ୍କୃତି ପାଇଁ ୱେଭ୍‌ସ ସମ୍ମିଳନୀ ଏକ ଅବିଶ୍ୱସନୀୟ ମଞ୍ଚ; କହିଲେ ସୂଚନା ଓ ପ୍ରସାରଣ ସଚିବ

- ଇସ୍ରାଏଲର ଏକ ବିମାନ ବନ୍ଦର ନିକଟରେ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ଏୟାର ଇଣ୍ଡିଆ ପକ୍ଷରୁ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଭାରତରୁ ତେଲଅଭିଭକୁ ସମସ୍ତ ଉଡ଼ାଣ ବାତିଲ

ଏବଂ

- ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା-୨୦୨୫ ବିହାରର ପାଟନାଠାରେ ଆଜିଠାରୁ ହେଲା ଆରମ୍ଭ

## ଶାହା- ସଂସ୍କୃତ ଇଭେଣ୍ଟ

ଭାରତର ସମସ୍ତ ଜ୍ଞାନ ସଂସ୍କୃତ ଭାଷାରେ ଥିବାରୁ ଲୋକମାନେ ସଂସ୍କୃତ ଭାଷା ଶିଖିବା ଏବଂ ଅଭ୍ୟାସ କରିବା ଆବଶ୍ୟକ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି। ଶ୍ରୀ ଶାହା କହିଛନ୍ତି, ସଂସ୍କୃତ ଭାଷା ବିଶ୍ୱକୁ ଏହାର ସମସ୍ୟାର ସମାଧାନ ପାଇଁ ମାର୍ଗଦର୍ଶନ କରିପାରିବ । ନୂଆଦିଲ୍ଲୀରେ ସଂସ୍କୃତ ଭାରତୀ ପକ୍ଷରୁ ଆୟୋଜିତ 'ହଜାରେ ଆଠ ସଂସ୍କୃତ ଅଭିଭାଷଣ ଶିବିର'ର ଉଦ୍‌ଯାପନୀ ଉତ୍ସବରେ ଉଦ୍‌ବୋଧନ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହା କହିଛନ୍ତି।

ସଂସ୍କୃତ ଭାଷାର ଗୁରୁତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରି ଶ୍ରୀ ଶାହା କହିଛନ୍ତି, ସଂସ୍କୃତ ଭାଷା ଅଧିକାଂଶ ଭାଷାର ଜନନୀ। ଦେଶରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ସଂସ୍କୃତି ଭାରତୀ ପକ୍ଷରୁ ଏପ୍ରିଲ ୨୩ରୁ ଚଳିତ ମାସ ୩ ତାରିଖ ମଧ୍ୟରେ ଜାତୀୟ ରାଜଧାନୀରେ ୧୦୦୮ଟି ସଂସ୍କୃତ ଅଭିଭାଷଣ ଶିବିର ଆୟୋଜନ ହୋଇଛି। ଏହି ଶିବିରରେ ୨୫ ହଜାର ଲୋକ ଅଂଶଗ୍ରହଣ କରି ସଂସ୍କୃତ ଭାଷା ଶିଖିଥିଲେ। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ରେଖା ଗୁପ୍ତା, ବିଜେପି ଦିଲ୍ଲୀ ସଭାପତି ବୀରେନ୍ଦ୍ର ସଚଦେବ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯୋଗେଶ ସିଂହ ଏବଂ ସଂସ୍କୃତି ଭାରତୀର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ୱେଭ୍‌ସ-ଜାଜୁ

ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ କହିଛନ୍ତି, 'ୱେଭ୍ସ'ରେ ଭାଗ ନେଇଥିବା ପ୍ରତ୍ୟେକ ନିର୍ମାତା ପ୍ରସିଦ୍ଧି ଲାଭ କରିଛନ୍ତି । ମୁମ୍ବାଇ ଜିଓ ୱାର୍ଲ୍ଡ କନଭେନସନ୍ ସେଣ୍ଟରରେ ଆୟୋଜିତ ୱେଭ୍‌ସ ସମ୍ମିଳନୀ ଅବସରରେ ଏକ ସାଂସ୍କୃତିକ ଅଧିବେଶନକୁ ସମ୍ବୋଧିତ କରି ସଚିବ ଏହା କହିଛନ୍ତି । କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ– ସିଆଇସି'ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସଙ୍ଗୀତଜ୍ଞମାନେ ସେମାନଙ୍କ ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କୁ ଆକର୍ଷିତ କରିପାରିଥିଲେ ବୋଲି ଶ୍ରୀ ଜାଜୁ କହିଛନ୍ତି । ଭବିଷ୍ୟତରେ ଆନ୍ତର୍ଜାତିକ ଭ୍ରମଣ ଏବଂ ପରିବେଷଣ ପାଇଁ ସରକାର ସି.ଆଇ.ସି.ର ସମସ୍ତ ସଙ୍ଗୀତ ପ୍ରତିଯୋଗିତାର ବିଜେତାଙ୍କୁ ପ୍ରାଧାନ୍ୟ ଦେବେ ବୋଲି ସେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଭାରତରେ ପେସାଦାର ବ୍ୟାଣ୍ଡର ଅଭାବ ଥିବା ବେଳେ ୱେଭ୍ସ ଏଭଳି ଅନନ୍ୟ ପ୍ରତିଭାଙ୍କୁ ଖୋଜି ବାହାର କରିଛି ଯାହା ବିଶ୍ୱସ୍ତରରେ ଭାରତର କଳା ଓ ପ୍ରତିଭାକୁ ପ୍ରଦର୍ଶିତ କରୁଛି ।

**V/O- SANJAY-JAJU---2**

ଆକାଶବାଣୀ ନ୍ୟୁଜ୍ ସହ ସ୍ୱତନ୍ତ୍ର କଥାବାର୍ତ୍ତା ବେଳେ ଶ୍ରୀ ଜାଜୁ କହିଛନ୍ତି, ପୁଞ୍ଜିନିବେଶ, ବ୍ୟବସାୟ, କଳା ଓ ସଂସ୍କୃତି ପାଇଁ ୱେଭ୍ସ ଏକ ଅବିଶ୍ୱସନୀୟ ମଞ୍ଚ ହୋଇଛି ଏବଂ ଏକ ଜନ ଆନ୍ଦୋଳନ ଭାବରେ ପ୍ରତିଷ୍ଠା

ଲାଭ କରିଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦ୍‌ଘାଟିତ ୱେଭ୍‌ସ ସମ୍ମିଳନୀ ୨୦୨୫ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହେଉଛି।

## ଇଣ୍ଡିଆ ଲ୍ୟାଣ୍ଡ ରିଫର୍ମ

ଆମେରିକାର ୱାଶିଂଟନ ଡିସି ସ୍ଥିତ ବିଶ୍ୱବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଆସନ୍ତାକାଲିଠାରୁ ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱ ବ୍ୟାଙ୍କ ଭୂମିସମ୍ମିଳନୀ ୨୦୨୫ରେ ବିଶ୍ୱ ଭୂମି ସଂସ୍କାର ଆଲୋଚନାର ଭାରତ ନେତୃତ୍ୱ ନେବ।  ପଞ୍ଚାୟତିରାଜ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳ ଏହି ସମ୍ମିଳନୀରେ ଭାରତର ସ୍ୱାମିତ୍ୱ ଯୋଜନା ଏବଂ ଗ୍ରାମ ମାନଚିତ୍ର  ସମ୍ପର୍କରେ ଉପସ୍ଥାପନ କରିବେ। ଚଳିତ ବର୍ଷ ବିଶ୍ୱ ବ୍ୟାଙ୍କର ଭୂ-ସମ୍ମିଳନୀର ବାର୍ତ୍ତା ରହିଛି 'ଜଳବାୟୁ କାର୍ଯ୍ୟାନ୍ୱୟନ ପାଇଁ ଭୂମିର ସ୍ୱାମିତ୍ୱ ଓ ପହଞ୍ଚ୍ ନିଶ୍ଚିତ କରିବା: ସଚେତନତାରୁ କାର୍ଯ୍ୟ ପାଇଁ ଅଗ୍ରସର'। ଏହା ବୈଶ୍ୱିକ ନେତା, ନୀତି ନିର୍ଦ୍ଧାରକ, ବିଶେଷଜ୍ଞ ଏବଂ ବିକାଶ ସହଯୋଗୀମାନଙ୍କୁ ଏକାଠି କରି ଜମିର ଅବଧି ସୁରକ୍ଷିତ କରିବା, ସ୍ଥାୟୀ ବିକାଶ ଏବଂ ଜଳବାୟୁ-ଉତ୍ତରଦାୟୀ ଶାସନ ପାଇଁ ଭୂମି ପ୍ରଶାସନର ଆଧୁନିକୀକରଣ ପାଇଁ ରଣନୀତି ଅନୁସନ୍ଧାନ କରିବ । ଡ୍ରୋନ୍ ଏବଂ ଜିଓ ସ୍ପେସିଆଲ୍ ଟେକ୍ନୋଲୋଜି ବ୍ୟବହାର କରି ଗ୍ରାମୀଣ ସମ୍ପତ୍ତିର ଆଇନଗତ ମାଲିକାନା

ପ୍ରଦାନ କରୁଥିବା ଭାରତର ପ୍ରମୁଖ ସ୍ୱମିତ୍ୱ ଯୋଜନା ଅଧୀନରେ, ୧ ଲକ୍ଷ ୬୦ ହଜାର ଗ୍ରାମର ୨୪ ଦଶମିକ ୪ ନିୟୁତରୁ ଅଧିକ ପରିବାରକୁ ସମ୍ପତ୍ତି କାର୍ଡ ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଏହା ୧୦୦ ନିୟୁତରୁ ଅଧିକ ସମ୍ପତ୍ତିର ମ୍ୟାପିଂ କରିଛି ଏବଂ ଆନୁମାନିକ ୧ ଦଶମିକ ୧/୬/୨ ଟ୍ରିଲିୟନ ଡଲାର ମୂଲ୍ୟର ଜମି ମୂଲ୍ୟାଙ୍କନ କରିଛି। ୨୦୨୫ ବିଶ୍ୱ ବ୍ୟାଙ୍କ ଜମି ସମ୍ମିଳନୀରେ ଭାରତର ଅଂଶଗ୍ରହଣ ବିଶ୍ୱ ଗ୍ରାମୀଣ ଭୂମି ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।

## ଭିପି- କର୍ଣ୍ଣାଟକ ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲି ଦିନିକିଆ କର୍ଣ୍ଣାଟକ ଗସ୍ତରେ ଯିବେ। ଏହି ଗସ୍ତ ସମୟରେ ଉପରାଷ୍ଟ୍ରପତି କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲ୍ଲାର ସିର୍ସିସ୍ଥିତ ଜଙ୍ଗଲ ମହାବିଦ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି।

## ପିଏମ୍-ଏୟାରଫୋର୍ସ ଚିଫ୍

ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି ସିଂହ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଭାରତ ଓ ପାକିସ୍ତାନ

ମଧ୍ୟରେ ଉତ୍ତେଜନା ବଢୁଥିବା ବେଳେ ଏହି ବୈଠକ ଅନେକ ଗୁରୁତ୍ୱବହନ କରୁଛି ।

## ସୀତାରମଣ- ଏଡିବି

ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜିଠାରୁ ଚଳିତ ମାସ ୭ ତାରିଖ ପର୍ଯ୍ୟନ୍ତ ଇଟାଲୀର ମିଲାନ୍ ଠାରେ ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ-ଏଡିବିର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ୫୮ତମ ବାର୍ଷିକ ବୈଠକରେ ଯୋଗଦେବେ । ଏହି ଗସ୍ତ କାଳରେ ସେ ଇଟାଲୀ, ଜାପାନ ଓ ଭୁଟାନର ଅର୍ଥମନ୍ତ୍ରୀଙ୍କ ସହ ଅନ୍ୟାନ୍ୟ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବା ସହ ମିଲାନରେ ବିଶ୍ୱର ଅନେକ ବିଶେଷଜ୍ଞ, ବ୍ୟବସାୟୀ ନେତା ଓ ସିଇଓମାନଙ୍କୁ ଭେଟିବେ ।

ଶ୍ରୀମତୀ ସୀତାରମଣ ମିଲାନରେ ଥିବା ଭାରତୀୟ ପ୍ରବାସୀଙ୍କ ସହ ଆଲୋଚନା କରିବେ ଏବଂ ବୋକୋନି ବିଶ୍ୱବିଦ୍ୟାଳୟରେ ଅର୍ଥନୈତିକ ଏବଂ ଜଳବାୟୁ ସହନଶୀଳତାର ସନ୍ତୁଳନ ବିଷୟରେ ଏକ ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

## ଡିଫେନ୍ସ ମିନିଷ୍ଟର୍ସ-ମିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ନୂଆଦିଲ୍ଲୀରେ ତାଙ୍କ ଜାପାନ ପ୍ରତିପକ୍ଷ ଜେନେରାଲ ନାକାଟାନିଙ୍କ ସହ ଦ୍ୱିପାକ୍ଷିକ ବୈଠକ

କରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଏହି ବୈଠକରେ ଉଭୟ ପକ୍ଷ ସାମ୍ପ୍ରତିକ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ନିରାପତ୍ତା ପରିସ୍ଥିତି ଉପରେ ମତବିନିମୟ କରିବେ। ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗକୁ ଆହୁରି ସୁଦୃଢ଼ କରିବାର ଉପାୟ ଗୁଡ଼ିକ ଉପରେ ଆଲୋଚନା କରିବେ । ଭାରତ ଏବଂ ଜାପାନ ମଧ୍ୟରେ ଦୀର୍ଘମିଆଦୀ ବନ୍ଧୁତା ରହିଛି, ଯାହା ୨୦୧୪ ମସିହାରେ ସ୍ୱତନ୍ତ୍ର ରଣନୈତିକ ଓ ବୈଶ୍ୱିକ ଭାଗିଦାରୀର ଉନ୍ନତି ପରେ ଗୁଣାତ୍ମକ ଗତି ହାସଲ କରିଛି। ପ୍ରତିରକ୍ଷା ଓ ନିରାପତ୍ତା ଦୁଇ ଦେଶ ମଧ୍ୟରେ ସମ୍ପର୍କର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ଗତ ବର୍ଷ ନଭେମ୍ବରରେ ଆସିଆନ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକ-ପ୍ଲସ୍ ଅବସରରେ ପ୍ରଥମ ଥର ପାଇଁ ଆଲୋଚନା ପରେ ୬ ମାସ ମଧ୍ୟରେ ଦୁଇ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଏହା ଦ୍ୱିତୀୟ ବୈଠକ ହେବ।

## ଏୟାର ଇଣ୍ଡିଆ- ଇସ୍ରାଏଲ

ଇସ୍ରାଏଲ ସହର ତେଲ ଆବିବର ବିମାନବନ୍ଦର ନିକଟରେ କ୍ଷେପଣାସ୍ତ୍ର ଆକ୍ରମଣ ପରେ ଏୟାର ଇଣ୍ଡିଆ ପକ୍ଷରୁ ତେଲ ଆଭିବକୁ ଏହାର ସମସ୍ତ ବିମାନ ଚଳିତ ମାସ ୬ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଏୟାର ଇଣ୍ଡିଆ ଘୋଷଣା କରିଛି। ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ତେଲ ଅବିବକୁ ବିମାନ ଚଳାଚଳ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଆଜିଠାରୁ ଚଳିତ ମାସ

୬ ତାରିଖ ମଧ୍ୟରେ ବୈଧ ଟିକେଟ୍ ନେଇ ଏୟାରଲାଇନ୍ସର ବିମାନରେ ବୁକିଂ କରିଥିବା ଯାତ୍ରୀଙ୍କୁ ପୁନଃନିର୍ଦ୍ଧାରଣ କିମ୍ବା ବାତିଲ ପାଇଁ ସମ୍ପୂର୍ଣ୍ଣ ରିଫଣ୍ଡ ଉପରେ ଏକକାଳୀନ ରିହାତି ପ୍ରଦାନ କରାଯିବ ।

## ଆଇସିଏଆର୍- ରାଇସ୍

କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଆଜି ନୂଆଦିଲ୍ଲୀରେ ଭାରତୀୟ କୃଷି ଗବେଷଣା ପରିଷଦ– ଆଇ.ସି.ଏ.ଆର୍ ଦ୍ୱାରା ବିକଶିତ ଭାରତର ପ୍ରଥମ ଦୁଇଟି ଜିନୋମ ସମ୍ପାଦିତ ଧାନ ପ୍ରଜାତିର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି, ଆଜି ଭାରତ ପାଇଁ ଏକ ଐତିହାସିକ ଦିନ । ସେ କହିଛନ୍ତି, ଏହି ଦୁଇଟି ପ୍ରଜାତି ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ସହ ଦେଶରେ ଧାନର ଅମଳ ବୃଦ୍ଧି କରିବ । ପ୍ରକଳ୍ପରେ ସାମିଲ ଥିବା କୃଷି ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଦେଶର କୃଷି ବୈଜ୍ଞାନିକମାନଙ୍କ ସାମର୍ଥ୍ୟ ଉପରେ ଦେଶର ବିଶ୍ୱାସ ରହିଛି ବୋଲି ଶ୍ରୀ ଚୌହ୍ୱାନ କହିଛନ୍ତି । ଦେଶରେ ବର୍ଦ୍ଧିତ ଜନସଂଖ୍ୟାର ପୋଷଣ ଚାହିଦା ପୂରଣ କରିବାକୁ ହେଲେ ଦେଶରେ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି । ଏହି ଗବେଷଣା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ସଂକଳ୍ପ ସାକାର ଦିଗରେ ଏକ ମାଇଲଖୁଣ୍ଟ ସାବସ୍ତ୍ୟ ହେବ ବୋଲି ଶ୍ରୀ ଚୌହ୍ୱାନ କହିଛନ୍ତି ।

## ଖେଲୋ ଇଣ୍ଡିଆ ଗେମ୍‌ସ୍‌

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ ଆଜି ସଂଧ୍ୟାରେ ବିହାରର ପାଟନାଠାରେ ଉଦ୍‌ଘାଟିତ ହୋଇଛି । କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ, ଯୁବବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଛନ୍ତି। ଏହି ଅବସରରେ ଅନେକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ବିହାରର ୬ଟି ସହରରେ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ । ଭାରତ ସରକାରଙ୍କ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଖେଲୋ ଇଣ୍ଡିଆର ଏହି ସପ୍ତମ ସଂସ୍କରଣ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଭିନ୍ନ ବର୍ଗରେ ୮ ହଜାର ୫୦୦ରୁ ଅଧିକ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି । ବିଭିନ୍ନ ବର୍ଗରେ ୨ହଜାର ୪୦୦ରୁ ଅଧିକ ପଦକ ପ୍ରଦାନ କରାଯିବ ।

## ଲଦାଖ– ହଜ୍ ପିଲିଗ୍ରିମ୍

କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖରୁ ହଜ୍ ଯାତ୍ରୀଙ୍କ ପ୍ରଥମ ବ୍ୟାଚ୍‌କୁ ଆଜି ଲଦାଖର ହଜ୍ କମିଟି ଅଧ୍ୟକ୍ଷ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଲେହ ଜିଲ୍ଲାର ୪୩ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଗଠିତ ଏହି ବ୍ୟାଚ୍ କାର୍ଗିଲସ୍ଥିତ ପର୍ଯ୍ୟଟନ ସୁବିଧା କେନ୍ଦ୍ରରୁ ଶ୍ରୀନଗର ଅଭିମୁଖେ ବାହାରିଥିଲା।

ତୀର୍ଥଯାତ୍ରୀଙ୍କର ସୁରକ୍ଷିତ ଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ହଜଯାତ୍ରା ମେ’ ୫ ଏବଂ ଅନ୍ତିମ ପର୍ଯ୍ୟାୟ ହଜଯାତ୍ରା ମେ’ ୬ ତାରିଖରେ ବାହାରିବ। କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରୁ ମୋଟ ୨୪୦ ହଜଯାତ୍ରୀ ଶ୍ରୀନଗର ଅନ୍ତର୍ଜାତୀୟ ବିମାନବନ୍ଦରରୁ ମେ ୯ ତାରିଖରେ ସାଉଦି ଆରବ ଅଭିମୁଖେ ଯାତ୍ରା କରିବେ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଉ କିଛି ସମୟପରେ ଧର୍ମଶାଳାରେ ପଞ୍ଜାବ କିଙ୍ଗ୍‌ସ ଓ ଲକ୍ଷ୍ନୌ ସୁପରଜାଏଣ୍ଟ୍‌ସ ମଧ୍ୟରେ ମୁକାବିଲା ହେବ। ପଞ୍ଜାବ କିଙ୍ଗ୍‌ସ ପଏଣ୍ଟ ଟେବୁଲରେ ୧୩ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଲକ୍ଷ୍ନୌ ସୁପରଜାଏଣ୍ଟ ୧୦ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି।

ଆଜି କୋଲକାତାର ଇଡେନଗାର୍ଡେନରେ ଖେଳାଯାଉଥିବା ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୧ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୨୦୬ ରନ୍ କରିଥିଲା। ଜବାବରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୫ ରନ୍ କରିବାକୁ ସକ୍ଷମ ହୋଇଥିଲା।